# Akashvani, Sambalpur

## SAMBALPURI NEWS EVENING BULLETIN

## 7 June 2026-7.02- 7.12 pm.

---

୧- ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକେ ବିଶ୍ୱସ୍ତରୀୟ କର୍‌ବାର୍ ଲାଗି ଗୋଦାବରିଶ୍ ମିଶ୍ର ଆଦର୍ଶ ବିଦ୍ୟାଳୟର୍ ୨ ଶହ ୪ ଟା ସ୍କୁଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶା- ଛତିଶ୍‌ଗଡ୍ ଭିତ୍‌ରେ ମହାନଦୀ ଜଲ୍‌ବିବାଦ୍‌କେ ନେଇକରି ରାଜ୍ୟର୍ ବୈଷୟିକ୍ ବିଶେଷଜ୍ଞମାନ୍‌କର୍ ଭିତ୍‌ରେ ନୂଆଦିଲ୍ଲୀ ନ ହେବା ୧୦ ଦିନିଆ ଆଲୋଚନା ।

୩- ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ୨୦୨୬ ଲାଗି ବାହାର୍‌ଲା ସହର୍ ତାଲିକା ।

ଆଉର୍

୪- ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପରୀକ୍ଷା ଲାଗି ରାଜ୍ୟର୍ ୨ ଶହ ୫ନ୍ ଆଶାୟୀଙ୍କୁ ଦିଆଯିବା ମାହାଲିଆ କୋଚିଂ ।

ମୁଖ୍ୟମନ୍ତ୍ରୀ          ଆର୍ଏନ୍ୟୁ/ କଟକ୍

ରାଏଜେ ଶିକ୍ଷା ଭିତିଭୂମିକେ ବର୍କସ୍ କର୍ବାର୍ ଆଉ ଗୁଣାତ୍ମକ୍ ଶିକ୍ଷା ଦେବାର୍ ଉଦ୍ଦେଶ୍ୟଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦୁଇ ନମ୍ବର୍ ଖେପେ ୨ ଶହ ୪ ଟା ଗୋଦାବରୀଶ୍ ମିଶ୍ର ଆଦର୍ଶ ପ୍ରାଥମିକ୍ ବିଦ୍ୟାଲୟର୍ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ଖୋର୍ଦ୍ଧା ଶ୍ରୀ ଲୋକନାଥ ଦେବ୍ ସର୍କାରୀ ଉଚ୍ଚବିଦ୍ୟାଲୟ ନ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ପ୍ରାଥମିକ୍ ଶିକ୍ଷା ବ୍ୟବସ୍ଥାକେ ଉନ୍ନତ୍ କର୍ବାର୍ ସହେତେ ସବୁ ଛୁଆକୁ ଗୁଟେ ବିଶ୍ୱସ୍ତରୀୟ ଶୈକ୍ଷିକ୍ ପରିବେଶ୍ ଯୁଗେଇ ଦେବାର୍ ଲାଗି ସର୍କାର୍ ସଂକଳ୍ପବଦ୍ଧ ଆନ୍ । ଗ୍ରାମ୍ ପଂଚାୟତ୍ ସ୍ତର୍ ନ ଶିକ୍ଷା ଭିତିଭୂମିକେ ବର୍କସ୍ କର୍ବାର୍ ଲକ୍ଷ୍ୟ ଲାଗି ସର୍କାର୍ ଇ ଯୋଜ୍ନା କାର୍ଯ୍ୟକାରୀ କରିଛନ୍ । ଜାତୀୟ ଶିକ୍ଷାନୀତି ୨୦୨୦ କେ ଆଧାର୍ କରିକରି ତିଆର୍ ହେଇଥିବା ଇ ଯୋଜ୍ନା ବିକଶିତ୍ ଓଡ଼ିଶାର୍ ଶିକ୍ଷା ସାଧନ୍ ଭାବେ ଗାଁ ଇଲାକା ନ ଗୁଣାତ୍ମକ୍ ଶିକ୍ଷା ସାଙ୍ଗେ ଛାତ୍ରଛାତ୍ରୀମାନ୍କର୍ ଦକ୍ଷତା ବିକାଶ୍କେ ସୁନିଶ୍ଚିତ୍ କର୍ବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ । ଆଏବା ଦିନେ ୨ ହଜାର୍ନୁ ଅଏତ୍କା ବିଦ୍ୟାଳୟ

ତିଆର୍ ସହେତେ ୨୦୨୮ ଆଉ ୨୯ ମସିହା ଭିତ୍‌ରେ ୨ ଶହ ପ୍ରାଥମିକ୍ ବିଦ୍ୟାଲୟକେ ପୂର୍ଣ୍ଣାଙ୍ଗ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମହାନଦୀ ଜଲ ବିବାଦ୍ ଟ୍ରିବ୍ୟୁନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଲ୍‌ବିବାଦ୍‌କେ ନେଇକରି ଓଡ଼ିଶା-ଛତିଶ୍‌ଗଡ଼୍ ଭିତ୍‌ରେ ଆଏବା ୧୬ ନୁ ୨୬ ତାରିଖ୍‌ତକ୍ ନୂଆଦିଲ୍ଲୀ ନ ଦୁହି ରାଜ୍ୟର୍ ବୈଷୟିକ୍ ଦଲ୍ ଭିତ୍‌ରେ ଆଲୋଚନା ହେବା । ମିଲିଥିବା ସୂଚ୍‌ନା ଅନ୍‌ସାରେ ଦୁହି ରାଜ୍ୟ ଭିତ୍‌ରେ ପାଏନ୍ ଆବଂଟନ୍‌କେ ନେଇକରି ଆପୋଷ୍ ଆଲୋଚନାକେ ନେଇକରି ବିଚାର୍ କରାଯିବା ବଲି ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଏନ୍. ତ୍ରିବେଦୀ ଗଲା ଶୁଣାଣି ବେଲେ ଦୁହି ପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଇ ମାସ ୨୭ ତାରିଖ୍ ମହାନଦୀ ଜଲ ବିବାଦ୍‌ର ଶୁଣାଣି ହେବା ବଲି ଜନାପଡ଼ିଛେ ।

ସିବିଏସ୍‌ଇ ଏନ୍‌ଏସ୍‌ଡି

କେନ୍ଦ୍ର ମାଧ୍ୟମିକ୍ ଶିକ୍ଷା ବୋର୍ଡ଼ ସିବିଏସ୍ଇ ତରଫୁ ୧୨ ଶ୍ରେଣୀ ପରୀକ୍ଷା ୨୦୨୬ ର ଫଳାଫଲ୍ ଉତ୍ତରର୍ ସେବା ପୋର୍ଟାଲ୍‌ଥି ଆପତି ଯାଂଚ୍ ଆଉ ଉତରଖାତା ଫେରଘାଏ ସୁଝ୍‌ବାର୍ ଲାଗି ଆବେଦନ୍ କର୍‌ବାର୍ ଆଏଜ୍ ଶେଷ୍ ଦିନ୍ । କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି କହିଛେ ଯେ, ଇ ପୋର୍ଟାଲ୍ ଆଏଜ୍ ଅଧ୍‌ରାତି ତକ୍ ଖୁଲା ରହେବା । ଛାତ୍ରଛାତ୍ରୀମାନ୍‌କୁ ସମିଆ ପୁରା ହେବାର୍ ଆଘୋନୁ ନିଜର୍ ଆବେଦନ୍ ପ୍ରକ୍ରିୟା ପୁରା କରିକରି ଦାଖଲ୍ କର୍‌ବାର୍‌ନେ ବୋର୍ଡ଼ ତରଫୁ ପରାମର୍ଶ ଦିଆଯାଇଛେ ।

ଏସ୍‌ଆଇଆର୍ ଆଇ.ଆଣ୍ଡ୍.ପି.ଆର୍/ବୌଦ୍ଧ

ରାଏଜେ ସ୍ୱତନ୍ତ୍ର ସଘନ ସଂଶୋଧନ୍ କାର୍ଯ୍ୟକ୍ରମ୍ ଜାରି ରହିଛେ । ଗଲାକାଏଲ୍ ୮ ନମ୍ବର୍ ଦିନ୍‌ତକ୍ ୧ କୋଟି ୯୮ ଲାଖ୍ ୯୭ ହଜାର୍ ୩ ଶହ ୩୧ ଝନ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ । ଇ ମାସ ୨୮ ତାରିଖ୍‌ତକ୍ ପରିଗଣନା ଫର୍ମ ବାଂଟ୍‌ବାର୍ ଆଉ ସଂଗ୍ରହ କର୍‌ବାର୍ କାମ୍ ଶେଷ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ନ ଏସ୍ଆଇଆର୍ ପ୍ରକ୍ରିୟାର୍ ତଦାରଖ୍ ଲାଗି ଆଏଜ୍ ଜିଲ୍ଲାପାଲ୍ ଆଉ ନିର୍ବାଚନ୍ ଅଧିକାରୀ ବିଭୂତି ଭୂଷଣ୍ ନାୟକ୍ ବୌଦ୍ଧ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀର୍ ହର୍ଭଙ୍ଗା ତହସିଲ୍ ଅଂଚଲ୍ ପରିଦର୍ଶନ୍ କରିକରି ପରିଗଣନା ଫର୍ମ ବଂଟାହେବାର୍ କାମ୍ର ସମୀକ୍ଷା କରିଛନ୍ । ଜିଲ୍ଲା ନ ଗଲାକାଏଲ୍ତକ୍ ୩୩ ପ୍ରତିଶତ୍ନୁ ଅଏତ୍କା ଫର୍ମ ବଂଟାଯାଇଛେ । ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ଗୁଟେ ଶୋଭାଯାତ୍ରା ସହର୍ ପରିକ୍ରମା କରିଥିଲା ।

ଏଚ୍ପିଭି ଟୀକାକରଣ୍ ଆର୍ଏନ୍ୟୁ/ ସମ୍ବଲପୁର

ଜରାୟୁ କର୍କଟ ରୋଗ୍ର ପ୍ରତିଷେଧକ୍ ଲାଗି ସାରା ରାଏଜେ ଚାଲିଥିବା ଏଚ୍.ପି.ଭି. ଟୀକାକରଣ୍କେ ଆଉ ୩ ମାସ୍ ବଢ଼ାଯାଇଛେ । ୧୪ ନୁ ୧୫ ବରସ୍ ବୟସର୍ କିଶୋରୀମାନ୍କର୍ ଲାଗି ଇ ଟୀକାକରଣ୍ ଅଭିଯାନ୍ ଗଲା ମାର୍ଚ୍ଚ ମାସର୍ ୧ ତାରିଖ୍ନୁ ମୁଲ୍ ହେଇଥିଲା । ଇ ଟୀକାକରଣ୍ ସମିଆ ୩ ମାସ୍ତକ୍ ଥିବାର୍ ବେଳେ ଇ ସମିଆ ଭିତ୍ରେ

ରାଏଜେ ମାତରକ ୪୮ ପ୍ରତିଶତ୍ ଟୀକାକରଣ୍ ହେଇଥିବାର୍‌ନୁ ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ ।

ନିଟ୍-ୟୁଜି -୨୦୨୬ ଏକ୍ସ

ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି -୨୦୨୬ ଲାଗି ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ତର୍‌ଫୁ ସହର୍ ତାଲିକା ଜାରି କରାଯାଇଛେ । ଆଏବା ୨୧ ତାରିଖ୍ ହେବାର୍‌କେ ଥିବା ପରୀକ୍ଷା ଲାଗି ପରୀକ୍ଷାର୍ଥୀମାନେ କେନ୍ ସହର୍ ନ ପରୀକ୍ଷା ଦେବେ ସେସବୁ ତଥ୍ୟ neet.nta.nic.in ନୁ ପାଇପାର୍‌ବେ । ପରୀକ୍ଷାର୍ଥୀମାନେ ଆପ୍ଲିକେସନ୍ ନମ୍ବର୍ ଆଉ ପାସ୍‌ୱାର୍ଡ଼ ଦେଇକରି ସିଟି ସ୍ଲିପ୍ ଯାଂଚ୍ କର୍‌ବାର୍‌କେ ଏନ୍‌ଟିଏ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ୟୁପିଏସ୍‌ଇ କୋଚିଂ ଏକ୍ସ

କେନ୍ଦ୍ରୀୟ ଲୋକ୍‌ସେବା ଆୟୋଗ୍- ୟୁପିଏସ୍‌ସି ପରିଚାଳିତ୍ ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ରାଜ୍ୟର୍ ୨ ଶହ ଜନ୍ ଆଶାୟୀଙ୍କୁ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମାହାଲିଆ କୋଚିଂ ଯୁଗେଇ ଦିଆୟିବା । ଇଥିର୍‌ଲାଗି ଆଏବା ୨୮ ତାରିଖ୍ ଗୁଟେ ପ୍ରବେଶିକା ପରୀକ୍ଷା ହେବା । ଇଛୁକ୍ ଆଶାୟୀମାନ୍‌କୁ ଆଏବା କାଏଲ୍‌ଠାନୁ ଇ ମାସର୍ ୧୯ ତାରିଖ୍ ଭିତ୍‌ରେ ଉଚଶିକ୍ଷା ବିଭାଗ୍‌ର ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କର୍‌ବାର୍‌କେ ହେବା । ପ୍ରବେଶିକା ପରୀକ୍ଷାଥି ପାସ୍ କରିଥିବା ୨ ଶହ ଜନ୍ ଯୋଗ୍ୟ ପ୍ରାର୍ଥୀଙ୍କୁ ରେସିଡେନ୍ସିଆଲ୍ କୋଚିଂ ସୁବିଧା ଦିଆୟିବା ବଲି ଉଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ବିଶ୍ୱ ଖାଦ୍ୟ ନିରାପତା ଦିବସ୍        ଆର୍‌ଏନ୍‌ୟୁ କଟକ୍

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ୍, ଯୋଗାଣ ଆଉ ଖାଏବାର୍ ପଦ୍ଧତି ଜରିଆଥି ପୋଷଣ୍ ଆଉ ଉତମ୍ ସ୍ୱାସ୍ଥ୍ୟକେ ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଆଏଜ୍ ବିଶ୍ୱ ଖାଦ୍ୟ ନିରାପତା ଦିବସ୍ ପାଲନ୍ କରାୟାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ସମସ୍ୟାନୁ

ସମାଧାନ୍‌ତକ୍, ସବୁ ଜାଗା ନ ସୁରକ୍ଷିତ୍ ଖାଦ୍ୟ’ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ତଥ୍ୟ ଅନ୍‌ସାରେ ଖାଏବାର୍ ଦରବ୍‌ନୁ ହଉଥିବା ରୋଗ୍ ଲାଗି ଫି’ ବଛର୍ ପାଖାପାଖ୍ଇ ୪ ଲାଖ୍ ୨୦ ହଜାର୍‌ନୁ ଅଏତ୍‌କା ଲୁକ୍‌କର୍ ଜୀବନ୍ ଯାଏସି । ଖାଦ୍ୟ ମାନକକେ ବଜାୟ ରଖ୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଭିନ୍ ଭିନ୍ ସଂଗଠନ୍ ତର୍‌ଫୁ ଲୋକ୍‌ମାନ୍‌କୁ ସଚେତନ୍ କରାଯାଉଛେ । ମିଶାନ୍ ଖାଏବାର୍ ଦରବ୍‌ନୁ ଦୂରେଇ ରହେବାର୍ ଆର୍ ଇ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଭିନ୍ ଭିନ୍ ଜାଗା ନ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ ଉପ୍‌ରେ କର୍ମଶାଳା ଆଉ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ୍ ଅବ୍‌ସରେ ନିରାପଦ୍ ଖାଏବାର୍‌ଟା ସମ୍‌କର୍ ଦାୟିତ୍ୱ ଆଏ ବଲି କହିଛନ୍ । ସୁରକ୍ଷିତ୍ ଖାଏବାର୍ ଦରବ୍ ପ୍ରଚଲନ୍ ଜରିଏ ଗୁଟେ ସୁସ୍ଥ ଜୀବନ୍ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ସେ ଆହ୍ୱାନ୍ ଦେଇଛନ୍ ।

ନିରାପଦ୍ ଆଉ ପୁଷ୍ଟିକର୍ ଖାଦ୍ୟ ସୁସ୍ଥ ଜୀବନ୍‌ର ମୂଳ୍ ଆଧାର୍ ଆଏ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇ ଅବ୍‌ସରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସମ୍‌କୁ ସଚେତନ୍

କରାବାର୍ ସହେତେ ଖାଏବାର୍ ଦରବ୍ ନୁକ୍ସାନ୍ ରୁକ୍ବାର୍ ଆଉ ଶୁଦ୍ଧ ଆଉ ପୁଷ୍ଟିକର୍ ନିରାପଦ୍ ଆହାର୍ ଗ୍ରହଣ୍ କର୍ବାର୍ ଲାଗି ସଂକଳ୍ପ ନେବାର୍ ଲାଗି ଆହ୍ବାନ୍ ଦେଇଛନ୍ ।

ଜାତୀୟ କର୍କଟ ବିଜୟୀ ଦିବସ ଆର୍ଏନ୍ୟୁ/ କଟକ୍

କର୍କଟ ରୋଗ୍ର କାରଣ୍ ଆଉ ତାର୍ ମୁକାବିଲା ଦିଗେ ଜନସଚେତନତା ବଢ଼ାବାର୍ ଲକ୍ଷ୍ୟ ନେଇକରି ଆଏଜ୍ ଜାତୀୟ କର୍କଟ ବିଜୟୀ ଦିବସ୍ ପାଲନ୍ କରାଯାଉଛେ । ୧୯୮୮ ମସିହାନୁ ଫି’ ବଛର୍ ଜୁନ୍ ମାସର୍ ପହେଲା ରଏବାର୍ ଇ ଦିବସ୍ ପାଲନ୍ କରାଯାଏସି । ଠିକ୍ ସମିଆଥି ରୋଗ୍ର ଚିହ୍ନଟ୍ ଆଉ ଚିକିତ୍ସା କରାଗଲେ କର୍କଟ ରୋଗ୍କେ ହରାଯାଇପାର୍ବା । ଭାରତୀୟ ଚିକିତ୍ସା ଅନୁସନ୍ଧାନ୍ ପରିଷଦ୍ର ଆକଲନ୍ ଅନ୍ସାରେ ସାରା ପୁର୍ଥି ନ କର୍କଟ ରୋଗୀଙ୍କର୍ ସଂଖ୍ୟା ତାଲିକାଥି ଭାରତ୍ ୩ ନମ୍ବର୍ ଠାନେ ରହିଛେ । ଇ ରୋଗ୍କେ ପ୍ରତିହତ୍ କର୍ବାର୍କେ ହେଲେ ସଚେତନତା ଜରୁରୀ ଆଏ । ଇ ଅବ୍ସରେ ଆଏଜ୍ ଭିନ୍ ଭିନ୍ ଜାଗା ନ

ସଚେତନତାମୂଳକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ ।

ସନ୍‌ଡେ ଅନ୍ ସାଇକଲ୍ ଆଇ.ଆଣ୍ଡ.ପି.ଆର୍/ ନୂଆପଡ଼ା/ ସମ୍ବଲ୍‌ପୁର୍

ନିରୋଗ୍ ଆଉ ପରିବେଶ୍ ଅନୁକୂଳ ଜୀବନ୍ ଶୈଲୀ ଅପ୍‌ନାବାର୍ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟଥି ଆଏଜ୍ ଭୁବ୍‌ନେଶ୍ୱର୍ ନ ସାଇକଲ୍‌ଥି ରଏବାର୍ - ସନ୍‌ଡେଜ୍ ଅନ୍ ସାଇକଲ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇକରି କହିଛନ୍, ପ୍ରଗତୀଶୀଳ ଓଡ଼ିଶା ଗଠନ୍ ଦିଗେ ଭଲ୍ ସ୍ୱାସ୍ଥ୍ୟର୍ ବହୁତ୍ ବଡ଼ ଭୂମିକା ରହିଛେ । ଶ୍ରୀ ସୂରଜ୍ ପରିବେଶ୍ ରକ୍ଷା ଲାଗି ସଭେ ମିଶିକରି ଚେଷ୍ଟା କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସିଆର୍‌ପିଏଫ୍ ଗ୍ରୁପ୍ ସେଂଟର୍ ସମ୍ବଲ୍‌ପୁର୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ୍ - ସାଇ ସୁନ୍ଦର୍‌ଗଡ଼୍ ତର୍‌ଫୁ ଫିଟ୍ ଇଣ୍ଡିଆ ଅଧୀନ୍‌ଥି ସନ୍‌ଡେଜ୍ ଅନ୍ ସାଇକଲ ରାଲି ଆୟୋଜିତ୍ ହେଇଯାଇଛେ । ଡିଆଜି ସଞ୍ଜୟ କୁମାର୍ ସିଂଙ୍କର୍ ନେତୃତ୍ୱଥି ହେଇଥିବା ରେଲିଥି

ସିଆର୍‌ପିଏଫ୍‌ର ୪୨ଜନ୍ ଅଧିକାରୀଙ୍କର୍ ସହେତେ ଶହେ ୨୦ ଜନ୍ ଛାତ୍ରଛାତ୍ରୀ ଭାଗ୍ ନେଇକରି ପରିବେଶ୍ ସୁରକ୍ଷା, ସଡ଼କ୍ ସୁରକ୍ଷା ଆଉ ଫିଟ୍‌ନେସ୍‌ର ବାର୍ତା  ପ୍ରଚାର୍ କରିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ତର୍‌ଫୁ ପ୍ରଦୂଷଣ୍ ନିୟନ୍ତ୍ରଣ୍ ସଚେତନତା ବଢ଼ାବାର୍ ଲାଗି ସନ୍‌ଡେଜ୍ ଅନ୍ ସାଇକଲ କାର୍ଯ୍ୟକ୍ରମ୍ ହେଇଯାଇଛେ । ଖଡ଼ିଆଲ୍ ମିଶନ୍ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶିକା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସାଇକଲ୍ ଯାତ୍ରା ପ୍ରଦୂଷଣ୍ ନିୟନ୍ତ୍ରଣ୍ କର୍‌ବାର୍ ସହେତେ ମୁନୁଷ୍ ଶରୀର୍‌କେ ସୁସ୍ଥ କର୍‌ବା ବଲି କହିଛନ୍ ।

ସିଏମ୍ ଟ୍ରଫି          ବୌଦ୍ଧ ସମ୍ବାଦଦାତା

ସିଏମ୍ ଟ୍ରଫି -୨୦୨୬ ଥି ଜୋନ୍‌ସ୍ତରୀୟ ଭଲିବଲ୍ ପ୍ରତିଯୋଗିତାର୍ ୨ ନମ୍ବର୍ ସଂସ୍କରଣ୍ ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ଖେଲାଯାଇଛେ । ବାଳକ ବିଭାଗ୍‌ଥି ଗଜପତି, ମାଲ୍‌କାନ୍‌ଗିରିକେ ହରେଇକରି ଚମ୍ପିଆନ୍ ହେଇଛେ । ବାଳିକା ବିଭାଗ୍ ଫାଇନାଲ୍ ମେଚ୍‌ଥି କଳାହାଣ୍ଡି ଦଲ୍ -

ମାଲ୍‌କାନ୍‌ଗିରିକେ ହରେଇକରି ଚମ୍ପିଆନ୍ ହେଇଛେ । ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘର୍ ମିଲିତ୍ ସହଯୋଗ୍‌ଥି ହେଇଥିବା ଇ ଦୁଇଦିନିଆ ପ୍ରତିଯୋଗିତାଥି ୮ ଟା ଜିଲ୍ଲାନୁ ୨ ଶହ ୪୦ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ହପ୍ତା ଶେଷ୍ ଆଡ଼୍‌କେ ଓଡ଼ିଶା ନ ପୁହୁଁଚିବାର୍ ସମ୍ଭାବନା ରହିଛେ । ଇହାଦେର୍ ସମିଆଥି ଆଏବା ହପ୍ତାତକ୍ ଗରମ୍ ଆଉ ଗୁଲ୍‌ଗୁଲି ଜାରି ରହେବା । କେତେଟା ଜାଗାର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ । ସେଆଡ଼େ କାଲ୍‌ବୈଶାଖୀର୍ ବଲେ ରାଏଜେ ଭିନ୍ ଭିନ୍ ଜାଗା ନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ବାୟୁମଣ୍ଡଲ୍‌ଥି ଆଦ୍ରତାର୍ ପରିମାଣ୍ ଜହ ଥିବାର୍‌ନୁ ଜବର୍ ଗୁଲ୍‌ଗୁଲି ହଉଛେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍

ବହୁତ୍‌ଟେ ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେଇଯାଇଛେ ।